> ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ

# ଇମ୍ରାନ୍‌ଙ୍କ ମନ୍ତବ୍ୟ

ସ୍ୱଳ୍ପ କପଡ଼ା ପିନ୍ଧୁଥିବା ଯୁବତୀ ଓ ମହିଳାଙ୍କ ଯୋଗୁ ଦେଶରେ ବଳାତ୍କାର ମାମଲା ବୃଦ୍ଧି ପାଉଛି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି। ନିକଟରେ ଏକ ଅନ୍ତର୍ଜାତୀୟ ଇଂଲିଶ ଚ୍ୟାନେଲକୁ ସାକ୍ଷାତ୍‌କାର ଦେବା ଅବସରରେ ସେ କହିଛନ୍ତି ଯେ, ପୁରୁଷମାନେ ଏଭଳି ପୋଷାକ ପିନ୍ଧୁଥିବା ମହିଳାଙ୍କ ଦ୍ୱାରା ଆକର୍ଷିତ ହେଉଛନ୍ତି ଓ ସେମାନଙ୍କ ମନରେ କାମୋଦ୍ଦୀପକ ଭାବନା ସୃଷ୍ଟି ହେଉଛି। ଦେଖିବାକୁ ଗଲେ ଏଭଳି ଚିନ୍ତାଧାରାରେ ଭାରତୀୟମାନେ ଅନେକ ଥର ପ୍ରୋତ୍ସାହିତ ହୋଇଆସିଛନ୍ତି। ବହୁ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ତଥାକଥିତ ନେତୃବର୍ଗ ସବୁବେଳେ ମହିଳାଙ୍କ ଉପରେ ଦୋଷ ଲଦିଦେଇ ପୁରୁଷଙ୍କ ଚାରିଖୁରାକୁ କ୍ଷମା କରିଦିଅନ୍ତି। ଇମ୍ରାନ୍‌ଙ୍କ ଏହି ଉଚ୍ଚାରଣ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ସକାଶେ ଏଇଥିପାଇଁ ନୂତନ ଲାଗୁ ନାହିଁ, କାରଣ ରାଜନୀତିରେ ଦେଶକୁ ନେତୃତ୍ୱ ଦେବାରେ ବିଫଳ ବ୍ୟକ୍ତିମାନେ ଏହିଭଳି ରକ୍ଷଣଶୀଳ ମତବ୍ୟକ୍ତ କରି ନିଜର ଗୋଷ୍ଠୀ ସୃଷ୍ଟି କରନ୍ତି। ଯେତେବେଳେ ସରକାରୀ ବ୍ୟବସ୍ଥାରେ ଦେଶବାସୀଙ୍କୁ ସୁରକ୍ଷା ଦେବା ପାଇଁ ବିଫଳ ହୁଅନ୍ତି, ସେତେବେଳେ ଇମ୍ରାନ୍‌ଙ୍କ ଭଳି ନେତା ନିଜର ଅପାରଗତା ପରିବର୍ତ୍ତେ ମହିଳାଙ୍କ ପୋଷାକକୁ ଦାୟୀ କରନ୍ତି।

ବିଦେଶରେ ପାଠ ପଢ଼ିଥିବା ଜଣେ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ ଖେଳାଳି ତଥା ରାଜନେତା ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଇମ୍ରାନଙ୍କ ମନ୍ତବ୍ୟ ନିଶ୍ଚିତ ଭାବେ ସମାଲୋଚନାଯୋଗ୍ୟ। ଏକ ତଥ୍ୟରୁ ଜଣାପଡ଼ିଛି ଯେ, ପାକିସ୍ତାନରେ ଦିନକ ମଧ୍ୟରେ ୧୧ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ମାତ୍ର ୦.୦୩ ପ୍ରତିଶତ ଅଭିଯୁକ୍ତ ଦଣ୍ଡିତ ହେଉଛନ୍ତି। ଅପରାଧ କମାଇବା ପାଇଁ କୌଣସି ପଦକ୍ଷେପ ନେଇପାରୁ ନ ଥିବା ଜଣେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଛି।

ଦେଖିବାକୁ ଗଲେ ୟୁରୋପୀୟ ମହିଳା ଜେମିମା ଗୋଲ୍ଡସ୍ମିଥ୍‌ଙ୍କୁ ଇମ୍ରାନ୍ ବିବାହ କରିଥିଲେ। ଆଜିର ସ୍ଥିତି ଦେଖିଲେ ଏକଦା ପ୍ରଗତିଶୀଳ ଚିନ୍ତାଧାରା ନେଇ ଜୀବନ ଜିଉଁଥିବା ଇମ୍ରାନ୍ ଗାଦି ରକ୍ଷା ପାଇଁ ମୌଳବାଦୀଙ୍କ ପଥ ଅନୁସରଣ କରିଛନ୍ତି। ସେମାନଙ୍କୁ ଖୁସି କରାଇବା ସକାଶେ ଏଭଳି ମନ୍ତବ୍ୟ ଦେଉଛନ୍ତି। ଏହା ଜଣାଶୁଣା ଯେ ତାଲିବାନ, ଅଲ୍‌କାଏଦା, ଲଶ୍କର–ଇ–ତୋଇବା ହେଉ ବା ଜମାତ୍–ଉଦ୍–ଦାୱା ଭଳି ସଙ୍ଗଠନ ଇମ୍ରାନ୍‌ଙ୍କ ସରକାରଙ୍କୁ ପରୋକ୍ଷରେ ସମର୍ଥନ କରୁଥିବାରୁ ସମ୍ଭବତଃ ଚାପରେ ପଡ଼ି ସେ ଏଭଳି କହିଛନ୍ତି। ବର୍ତ୍ତମାନ ପାକିସ୍ତାନରେ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବହୁ ଉଚ୍ଚକୁ ଚାଲିଯାଇଛି। ଅସଂଖ୍ୟ ଯୁବତୀଯୁବକ ବେକାର ହୋଇଯାଇଛନ୍ତି। ଏପରି କି ସରକାର ଚଳାଇବା ପାଇଁ ତହବିଲରେ ପାଣ୍ଠିର ଘୋର ଅଭାବ ଦେଖାଦେଇଛି। ଆତଙ୍କବାଦୀଙ୍କୁ ପାକିସ୍ତାନ ସରକାର ସିଧାସଳଖ ପ୍ରୋତ୍ସାହନ ଦେଉଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ହୋଇଯାଇଥିବାରୁ ତାହାକୁ ବିଦେଶରୁ ଆର୍ଥିକ ସହାୟତା ପୂର୍ବଭଳି ମିଳିପାରୁ ନାହିଁ। ଏଭଳି ପରିପ୍ରେକ୍ଷୀରେ ନାଗରିକଙ୍କର ସରକାର ବିରୋଧୀ ଅସନ୍ତୋଷ ଓ ପ୍ରତିବାଦଠାରୁ ନଜର ହଟାଇବା ପାଇଁ ଇମ୍ରାନ୍ ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି କୁହାଯାଇପାରେ। ଯେତେବେଳେ ଶାସନ ଦୁର୍ବଳ ହୋଇଯାଏ ଓ ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ କୌଣସି ଦିଗ୍‌ଦର୍ଶନ ନ ଥାଏ, ସେତେବେଳେ ନେତାମାନେ ବାଉଳିଚାଉଳି ହେଇଥାଆନ୍ତି। ଆଜି ଇମ୍ରାନ୍ ସେହିଭଳି ଏକ ଗାତରେ ପଡ଼ିଯାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନେତାମାନେ ବିଫଳ ହେଲେ ପୀଡ଼ିତଙ୍କୁ ଦୋଷ ଦେଇ ଖସିଯିବା ହେଉଛି ଏକ ସହଜ ଉପାୟ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୯୬

- ରୱାଣ୍ଡାର ଉପଦ୍ରୁତ ଅଞ୍ଚଳ କିବୁଏରେ ୩୦ ଜଣ ସଶସ୍ତ୍ର ବ୍ୟକ୍ତି ଏକ ଶରଣାର୍ଥୀ ଶିବିର ଉପରେ ଆକ୍ରମଣ କରି ୮ ଶିଶୁ ସମେତ ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ବାଂଲାଦେଶର ଦକ୍ଷିଣ ପ୍ରାନ୍ତରେ ଥିବା ଭୁଲା ଜିଲାରେ ପ୍ରବାହିତ ମେଘନା ନଦୀରେ ଏକ ମାଛଧରା ଟ୍ରଲର ବୁଡ଼ିଯିବା ଫଳରେ ୧୧ ମୃତ।
- ଆମେରିକା ନିବାସୀ ଭାରତୀୟ ଛାତ୍ରୀ ବେନେକା ବାଲୀ ସମ୍ମାନଜନକ ଲିନୋଆ ସିଗ୍‌ମା ସ୍ମାର୍ଟସ ସ୍କଲାରସିପ ଲାଭକରି ପ୍ରଥମ ଥର ପାଇଁ ଆମେରିକାର ପ୍ରସିଦ୍ଧ ସାମରିକ ପ୍ରତିଷ୍ଠାନ ୱେଷ୍ଟ ପଏଣ୍ଟରେ ଅଧ୍ୟୟନ ପାଇଁ ମନୋନୀତ ହୋଇଛନ୍ତି।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ! –(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 9 | |
| 8 | | | | | 9 | 7 | 3 | |
| | | 7 | | | | | | 6 |
| | | 5 | | 9 | 2 | | 8 | |
| 3 | | | 8 | | | 1 | | |
| | | | | 5 | 7 | | | |
| | 1 | | | | | | | |
| | | | | | | | 2 | 8 |
| | | 4 | 2 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 8 | 4 | 9 | 2 | 6 | 5 | 1 |
| 5 | 6 | 4 | 8 | 3 | 1 | 7 | 9 | 2 |
| 2 | 1 | 9 | 5 | 6 | 7 | 4 | 3 | 8 |
| 6 | 5 | 2 | 3 | 4 | 8 | 1 | 7 | 9 |
| 1 | 4 | 7 | 6 | 2 | 9 | 3 | 8 | 5 |
| 9 | 8 | 3 | 1 | 7 | 5 | 2 | 4 | 6 |
| 8 | 3 | 1 | 7 | 5 | 6 | 9 | 2 | 4 |
| 4 | 2 | 5 | 9 | 1 | 3 | 8 | 6 | 7 |
| 7 | 9 | 6 | 2 | 8 | 4 | 5 | 1 | 3 |

ଗତକାଲିର ଉତ୍ତର

# ଅସଲ ଖୁସିର ମୁହୂର୍ତ୍ତ



ପ୍ରକାଶ ତ୍ରିପାଠୀ

ଚିତ୍ତେ ପ୍ରସନ୍ନେ ଭୁବନମ୍ ପ୍ରସନ୍ନମ୍,ଚିତ୍ତେ ବିଷଣ୍ଣେ ଭୁବନମ୍ ବିଷଣ୍ଣମ୍। ଅର୍ଥାତ୍ ଯଦି ଆମ ହୃଦୟ ପ୍ରସନ୍ନ ବା ଖୁସି ଅଛି, ତେବେ ସାରାଦୁନିଆ ଆମକୁ ଖୁସି ଲାଗିବ। ମାତ୍ର ଯଦି ଆମ ହୃଦୟ ବିଷଣ୍ଣ ବା ଦୁଃଖରେ ଅଛି, ସାରା ଦୁନିଆ ବି ଆମପାଇଁ ବିଷଣ୍ଣ ଲାଗିବ। ତେବେ ଆମ ମନ, ଆମ ହୃଦୟ ଖୁସି କେମିତି ରହିବ ? ପୁଳା ପୁଳା ଟଙ୍କା ରୋଜଗାର, ବିଳାସପୂର୍ଣ୍ଣ ଜୀବନଯାପନ ମାଧ୍ୟମରେ ନା ଆମ ଚାରିକଡ଼ରେ ଥିବା ଅଭାବୀ ମଣିଷଙ୍କ ମୁହଁରେ ଟେନାଏ ହସ ଫୁଟାଇବାରେ ? ଏହି ପ୍ରସଙ୍ଗରେ ଆଲୋକପାତ କରିବା ପୂର୍ବରୁ ଗୋଟିଏ ସତ୍ୟଘଟଣା ଆଧାରିତ କାହାଣୀଟିଏ ଶୁଣିବା।

ଥରେ ଗୋଟିଏ ଘରୋଇ କ୍ଲିନିକକୁ ଜଣେ ସମ୍ଭ୍ରାନ୍ତ ମହିଳା ଗଲେ। ଉପସ୍ଥିତ ଥିବା ଜଣେ ମନୋଚିକିତ୍ସକଙ୍କୁ କହିଲେ– ସାର୍ , ମୋର କେଉଁଥିରେ ଅଭାବ ନ ଥିବା ସତ୍ତ୍ୱେ ମୁଁ ଖୁସିରେ ରହିପାରୁନି। କେମିତି ଖୁସି ପାଇପାରିବି ମୋତେ ସାହାଯ୍ୟ କରନ୍ତୁ। ମନୋଚିକିତ୍ସକ ମହିଳା ଜଣଙ୍କୁ ନିରୀକ୍ଷଣ କଲେ। ତାଙ୍କ ବେଶପୋଷାକ ଓ କଥାବାର୍ତ୍ତାରୁ ସେ ଜଣେ ଧନୀ ପରିବାରର ଭଳି ଲାଗୁଥିଲେ। ମନୋଚିକିତ୍ସକ କ୍ଲିନିକରେ ଝାଡୁପୋଛା କାମ କରୁଥିବା ଜଣେ ବୃଦ୍ଧାଙ୍କୁ ଡାକିଲେ ଓ ସେହି ମହିଳା କେମିତି ଖୁସି ପାଇପାରିବେ ସେ ସମ୍ପର୍କରେ ତାଙ୍କୁ କିଛି ପରାମର୍ଶ ଦେବାକୁ କହିଲେ। ବୃଦ୍ଧା ନିଜର ଝାଡୁକୁ ଯଥାସ୍ଥାନରେ ରଖି ସେହି ସମ୍ଭ୍ରାନ୍ତ ମହିଳାଙ୍କ ପାଖରେ ବସିପଡ଼ିଲେ ଓ ନିଜ ଅଙ୍ଗେନିଭା କଥା କହିବାକୁ ଲାଗିଲେ। ମୁଁ ଏକ ସମ୍ଭ୍ରାନ୍ତ ପରିବାରର ନ ହେଲେ ମଧ୍ୟ ଆମର କେଉଁଥିରେ ଅଭାବ ନ ଥିଲା। ସ୍ୱାମୀ ଓ ଗୋଟିଏ ପୁଅକୁ ନେଇ ମୋ ପରିବାର ହସଖୁସିରେ ଆଗକୁ ବଢୁଥିଲା। ହଠାତ୍ ଦିନେ ମୋ ସ୍ୱାମୀ ମ୍ୟାଲେରିଆରେ ପୀଡ଼ିତ ହେଲେ ଓ ତାଙ୍କର ମୃତ୍ୟୁ ପରେ ମୋ ଜୀବନର ଅର୍ଦ୍ଧେକ ଖୁସି ଚାଲିଗଲା। ସ୍ୱାମୀଙ୍କ ମୃତ୍ୟୁର ତିନିମାସ ପରେ ମୋ ପୁଅର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଲା। ଯେଉଁ ଖୁସି ଟିକକ ମୋ ଜୀବନରେ ବଳିଥିଲା ସେତକ ବି ସେହିଦିନ ଚାଲିଗଲା। ଜୀବନ ମୋପାଇଁ ମୂଲ୍ୟହୀନ ଭଳି ଲାଗିଲା। ଜୀବନ ହାରିବା ପାଇଁ ମନେମନେ ଉପାୟ ପାଞ୍ଚୁଥିଲି। ଦିନେ ସନ୍ଧ୍ୟାରେ ଟିପି ଟିପି ବର୍ଷାରେ ଘରକୁ ଫେରୁଥିଲି। ପ୍ରବଳ ଥଣ୍ଡା ହେଉଥିଲା। ଗୋଟିଏ ବିରାଡି ଛୁଆଟିଏ ମୋ ପଛେ ପଛେ ଆସୁଥିଲା। ବେଳେବେଳେ ମୋ ଗୋଡରେ ସେ ତା' ଦେହକୁ ଘଷି ଦେଉଥିଲା। ଚାଲିଲା ବେଳେ କାଳେ ସେ ପାଦ ତଳେ ଚକଟି ହୋଇଯିବ ସେଥିପାଇଁ ମୁଁ ସତର୍କତା ସହ ପାଦ ପକାଉଥାଏ। ଶେଷରେ ତାକୁ ନିଜ ଘରକୁ ଆଣିଲି। ଘରେ ତାକୁ କ୍ଷୀର ପିଇବାକୁ ଦେଲି। କ୍ଷୀରତକ ପିଇଦେଇ ମୋ ମୁହଁକୁ ଚାହିଁଲା। ପାଖରେ ବସି ମୋ ପାଦକୁ ଚାଟିବାକୁ ଲାଗିଲା। ବହୁଦିନ ପରେ ମୁଁ ସେଦିନ ଟିକିଏ ହସିଲି ଓ ମନ ହାଲୁକା ଲାଗିଲା। ମୋତେ ଖୁସିଲାଗିଲା। ମନେ ମନେ ଭାବିଲି ଯଦି ବିରାଡ଼ିଛୁଆକୁ ଏତିକିଟିକେ ସହାୟତା କରି ମୋତେ ଏତେ ଖୁସି ମିଳୁଛି, ତେବେ ଅନ୍ୟମାନଙ୍କୁ ସାହାଯ୍ୟ କଲେ ନିଶ୍ଚିତ ଅଧିକ ଖୁସି ମିଳିପାରିବ। ତା' ପରଦିନ ଆମ ପଡ଼ିଶାଘରେ ରହୁଥିବା ଜଣେ ଭଦ୍ରବ୍ୟକ୍ତି, ଯେ କି ଅସୁସ୍ଥ ଥିଲେ, ତାଙ୍କ ପାଇଁ ନିଜେ କିଛି ବିସ୍କୁଟ ପ୍ରସ୍ତୁତ କରି ତାଙ୍କ ଘରକୁ ଗଲି। ମୋ ହାତ ତିଆରି ବିସ୍କୁଟ ଖାଇ ସେ ଖୁବ୍ ଖୁସି ହେଲେ ଓ ମୋତେ ଆଶୀର୍ବାଦ ଦେଲେ ଯାହାକି ମୋ ଖୁସିକୁ ଦିଗୁଣିତ କଲା । ଏହା ପରେ ମୁଁ ମୋ ଚାରିପାଖରେ ରହୁଥିବା ଲୋକମାନଙ୍କୁ ମୋ ଦକ୍ଷତା ମତେ ସାହାଯ୍ୟ କରିବାକୁ ଆରମ୍ଭ କଲି। ସେମାନଙ୍କ ଖୁସିରେ ମୋ ଖୁସିକୁ ପାଇଗଲି। କ୍ରମେ ମୁଁ ବଞ୍ଚିବାର ଖୋରାକ ପାଇଗଲି ଓ ଅନ୍ୟକୁ ଖୁସିକରାଇବାକୁ ଜୀବନର ବ୍ରତ କରିନେଲି। ବୃଦ୍ଧାଙ୍କ କଥା ଶୁଣି ସମ୍ଭ୍ରାନ୍ତ ମହିଳା କାନ୍ଦିବାକୁ ଲାଗିଲେ। ବୃଦ୍ଧାଙ୍କୁ କହିଲେ, ତାଙ୍କ ପାଖରେ ଯାହାସବୁ ଅଛି ସେସବୁ ସେ କିଣିପାରିଛନ୍ତି। ମାତ୍ର ସେ ଯେଉଁ ଖୁସି ହଜାଇ ଦେଇଛନ୍ତି ତାହା ସେ ଟଙ୍କାରେ କିଣିପାରୁ ନାହାନ୍ତି।

ପାଠକେ, ଏଇଟା ବଡ଼କଥା ନୁହେଁ ଯେ ଆପଣ କେତେ ଖୁସି ଅଛନ୍ତି। ହଁ ଏହା ନିଶ୍ଚିତ ବଡ଼ କଥା ଯେ ଆପଣଙ୍କ ପାଇଁ କେତେଜଣ ଖୁସି ଅଛନ୍ତି। କେତେଜଣଙ୍କ ମନରେ ଖୁସି ଓ ହସ ଭରିପାରିଛନ୍ତି। ମଣିଷ ଜୀବନ ଆଦର୍ଶ, ଅନାଦର୍ଶର ସମାହାର। ଏହାଭିତରେ ରହିଛି ଦୈବୀଗୁଣ ଓ ରହିଛି ଆସୁରିକ ଗୁଣ ବି। ଆସୁରିକ ଗୁଣ କ୍ଷଣିକ ସୁଖ ଦେଇପାରେ, ମାତ୍ର ତାହା ମାନବୀୟ ପତନର କାରଣ ହୋଇଥାଏ। କିନ୍ତୁ ଦୈବୀଗୁଣ ମଣିଷକୁ ଉନ୍ନତ କରିଥାଏ । ଏହା ଚିରନ୍ତନ ଖୁସି ପ୍ରଦାନ କରେ ସ୍ୱୟଂକୁ ଓ ଅନ୍ୟକୁ। ଅଭାବୀ ମଣିଷକୁ ସାହାଯ୍ୟ, ଭୋକିଲାଙ୍କ ମୁହଁରେ ମୁଠାଏ ଦାନା, ଅସହାୟଙ୍କୁ ଆହାପଦ ହେଉଛି ମାନବତାର ସଙ୍କେତ, ଯାହାକି ମନରେ ଅଫୁରନ୍ତ ଖୁସି ଭରିଦିଏ। ଉଦାସୀ ମୁହଁରେ ହସ ଟିକେ ଭରିଦେଲେ ହୃଦୟ ଖୁସିରେ ଭରିଯାଏ, ଯାହାକି କୋଟିଏ ଟଙ୍କାରେ ମିଳି ନ ଥାଏ। ପଦିଏ ମିଠାକଥାରେ, ଟେନାଏ ହସରେ ଯେଉଁ ଖୁସି ହାସଲ କରାଯାଇପାରେ, କୋଟି କୋଟି ଟଙ୍କାର ଧନସମ୍ପତ୍ତି ତାହା ଦେଇପାରି ନ ଥାଏ। ଆଜିର ମଣିଷ କିନ୍ତୁ ଖୁସି ଖୋଜୁଛି ଧନ ଦୌଲତରେ, ନାମୀଦାମୀ ସୌଖୀନ ଗାଡିରେ, ବିଳାସମୟ ପ୍ରାସାଦରେ ଓ ଭୋଗ ବିଳାସରେ। କେମିତି ଜଣେ ଖୁସି ହୋଇପାରିବ ଯେତେବେଳେ ତା ପାଖରେ ଥିବା ମଣିଷ ଦୁଃଖ ଦୈନ୍ୟତାରେ ଜୀବନ ଅତିବାହିତ କରୁଥିବ, ଭୋକ ଉପାସରେ ଦିନ କାଟୁଥିବ, ରୋଗ ଯନ୍ତ୍ରଣାରେ ଚିତ୍କାର କରୁଥିବ।

ଖୁସି ଏକ ମାନସିକ ସମ୍ପଦ। ଏହାକୁ ବୁଝୁ ବୁଝୁ ଆତ୍ମକୈନ୍ଦ୍ରିକ ମଣିଷର ଆୟୁଷ ସରିଯାଏ। ନିଜର ଓ ନିଜ ପରିବାରର ସୁଖ ସ୍ୱାଚ୍ଛନ୍ଦ୍ୟ ପୂରଣ କରିବାରେ ସେ ମୋହଗ୍ରସ୍ତ ହୁଏ । ବୁଝିପାରେନି ଅନ୍ୟର ସୁଖରେ ଥାଏ ବାସ୍ତବ ସୁଖ। ଅନ୍ୟକୁ ଖୁସିଦେବାରେ ଥାଏ ଅଫୁରନ୍ତ ଖୁସି। ଭୋଗ ନୁହେଁ, ତ୍ୟାଗରେ ଥାଏ ଖୁସି। କାମନା ନୁହେଁ, ନିବୃତ୍ତିରେ ଥାଏ ଖୁସି। ଏହି କଥାକୁ ବୁଝିପାରିଛନ୍ତି ନାଇଜେରିଆର ଅଚଳାଚଳ ସମ୍ପତ୍ତିର ମାଲିକ ତଥା ପ୍ରଖ୍ୟାତ ଫୋର୍ବସ ପତ୍ରିକାଦ୍ୱାରା ପ୍ରସ୍ତୁତ ବିଶ୍ୱର ସର୍ବାଧିକ ଧନିତାଲିକାରେ ସ୍ଥାନପାଇଥିବା ଫେମି ଓଟେଡୋଲା। ବିଜ୍‌ନେସ ଟାଇକୁନ ଫେମି ଓଟେଡୋଲାଙ୍କୁ ଥରେ ପଚରାଯାଇଥିଲା ଯେ କେଉଁ ସମୟରେ ସେ ନିଜକୁ ଜଣେ ସର୍ବୋତ୍ତମ ସୁଖୀ ମଣିଷ ଭାବେ ଅନୁଭବ କରିଛନ୍ତି । ଏହାର ଉତ୍ତରରେ ଓଟେଡୋଲା କହିଥିଲେ ଯେ ଚାରୋଟି ପର୍ଯ୍ୟାୟରେ ସେ ଖୁସି ଅନୁଭବ କରିଛନ୍ତି। ମାତ୍ର ଶେଷପର୍ଯ୍ୟାୟରେ ପ୍ରକୃତ ଖୁସିର ଅର୍ଥ ସେ ବୁଝିପାରିଥିଲେ। ପ୍ରଥମ ପର୍ଯ୍ୟାୟରେ ସେ ନିଜ ବ୍ୟବସାୟରେ ଅନେକ ଧନ ରୋଜଗାର କଲେ। କିନ୍ତୁ ପର୍ଯ୍ୟାପ୍ତ ଧନ ଆହରଣ ତାଙ୍କୁ ଖୁସି କରିପାରି ନ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସେ ସୌଖୀନ ଜୀବନଯାପନ ପାଇଁ ବିଳାସପୂର୍ଣ୍ଣ ଘର, ଦାମୀ ଗାଡ଼ି ଓ ଅନ୍ୟାନ୍ୟ ଭୋଗବିଳାସ ସାମଗ୍ରୀ କିଣିଲେ, ମାତ୍ର ତାହା କ୍ଷଣିକ ଓ ଅଳିକ ଥିଲା। କ୍ରମେ ସେଗୁଡ଼ିକର ଆକର୍ଷଣ ହ୍ରାସ ପାଇବା ପରେ ସେ ତାଙ୍କର ବ୍ୟବସାୟ ଦୁନିଆର ସାମ୍ରାଜ୍ୟ ବୃଦ୍ଧିକଲେ। ନାଇଜେରିଆ ସହ ଅନେକ ଆଫ୍ରିକୀୟ ଦେଶରେ ସେ ଖଣିଜ ତୈଳ ଓ ଶକ୍ତି ବ୍ୟବସାୟ ବୃଦ୍ଧି କଲେ। ତାଙ୍କର ବ୍ୟବସାୟ ଦେଢ଼ ବିଲିୟନରେ ପହଞ୍ଚିଲା। ମାତ୍ର ସେଥିରେ ତାଙ୍କୁ ପ୍ରକୃତ ଖୁସି ଉପଲବ୍ଧି ହେଲାନାହିଁ। ଥରେ ତାଙ୍କର ଜଣେ ବନ୍ଧୁ ଦୁଇଶହ ଭିନ୍ନକ୍ଷମ ପିଲାଙ୍କ ପାଇଁ ୨୦୦ ହୁଇଲ୍ ଚେୟାର କିଣିଦେବା ପାଇଁ ପ୍ରସ୍ତାବ ଦେଲେ। ଓଟେଡୋଲା ୨୦୦ ହୁଇଲ ଚେୟାର କିଣିଦେଲେ। ବନ୍ଧୁଙ୍କ ସହ ସେ ଯିବେ ଓ ନିଜ ହାତରେ ଭିନ୍ନକ୍ଷମ ପିଲାଙ୍କୁ ଏହି ଚେୟାର ପ୍ରଦାନ କରିବାପାଇଁ ଓଟେଡୋଲାଙ୍କୁ ତାଙ୍କ ବନ୍ଧୁ ଅନୁରୋଧ କଲେ।

ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମରୁ ସମୟ ବାହାର କରି ଓଟେଡୋଲା ଠିକ୍ ସମୟରେ ସେଠାରେ ପହଞ୍ଚିଲେ ଓ ନିଜ ହାତରେ ଭିନ୍ନକ୍ଷମ ପିଲାଙ୍କୁ ହୁଇଲ୍ ଚେୟାର ଦେଲେ। ହୁଇଲ ଚେୟାର ପାଇବା ପରେ ସବୁପିଲାଙ୍କ ମୁହଁରେ ଖୁସି ଭରିଯାଇଥିଲା। ପିଲାଙ୍କ ମୁହଁରେ ହସ ଓ ସେମାନଙ୍କ ଆତ୍ମତୃପ୍ତିରେ ଓଟେଡୋଲା ଆତ୍ମବିଭୋର ହୋଇଯାଇଥିଲେ। ଯେତେବେଳେ ସେ ପ୍ରସ୍ଥାନ କରିବାକୁ ଉଠିଲେ ସେଇ ସମୟରେ ଜଣେ ଭିନ୍ନକ୍ଷମ ପିଲା ଓଟେଡୋଲାଙ୍କ ଦୁଇଗୋଡ଼ କୁଣ୍ଢାଇ ଧରିଲା। ନିଜ ଗୋଡ଼କୁ ପିଲାଟିଠାରୁ ମୁକୁଳାଇବାକୁ ସେ ଯେତେଚେଷ୍ଟାକଲେ ବି ସକ୍ଷମ ହୋଇ ନ ଥିଲେ। ପିଲାଟି ତାଙ୍କ ମୁହଁକୁ ବଲବଲ ଚାହିଁବା ସହ ଆହୁରି ଅଧିକ ଜୋରରେ ଗୋଡ଼କୁ ଜାବୁଡି ଧରିଥିଲା । ଓଟେଡୋଲା ନଇଁପଡି ପିଲାଟିକୁ ପଚାରିଲେ – ତୁମେ ଆଉ କିଛି ଚାହୁଁଛ କି ? ପିଲାଟି ଯାହା ଉତ୍ତରଦେଲା ତାହା ଶୁଣି ଓଟେଡୋଲା କେବଳ ଖୁସିରେ ଆତ୍ମହରା ହୋଇ ନ ଥିଲେ, ଜୀବନ ଉପରେ ଥିବା ତାଙ୍କର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ପିଲାଟି ବଡ଼ବଡ଼ ଆଖିରେ ଓଟେଡୋଲାଙ୍କୁ ଚାହିଁ କହିଥିଲା ମୁଁ ତୁମର ମୁହଁକୁ ମନେ ରଖିବାକୁ ଚାହୁଁଛି। ଯେତେବେଳେ ମୁଁ ତୁମକୁ ସ୍ୱର୍ଗରେ ଦେଖିବି ସେତେବେଳେ ଯେମିତି ଚିହ୍ନିପାରିବି ଓ ତୁମକୁ ପୁଣି ଥରେ ଧନ୍ୟବାଦ ଦେଇପାରିବି। ଓଟେଡୋଲା ଏହାପରେ ଜୀବନ ଓ ଅସଲ ଖୁସିର ଅର୍ଥ ବୁଝିପାରିଥିଲେ। ଅଚଳାଚଳ ସମ୍ପତ୍ତି, ବିଳାସପୂର୍ଣ୍ଣ ଜୀବନଯାପନ ଯେଉଁ ଖୁସି ଦେଇପାରି ନ ଥିଲା, ମାତ୍ର ୨୦୦ଟି ହୁଇଲ ଚେୟାର ତାଙ୍କୁ ଜୀବନର ଅସଲ ଖୁସି ଦେଇପାରିଲା। ଏହାପରେ ସେ ଅନାଥ ପିଲାଙ୍କ କଲ୍ୟାଣ ପାଇଁ ୧୪ ମିଲିୟନ ଡଲାର ଦାନକରିଥିଲେ। ଅନାଥ ପିଲାଙ୍କ କଲ୍ୟାଣ ପାଇଁ ତାଙ୍କର ଝିଅ ଦ୍ୱାରା ପ୍ରତିଷ୍ଠିତ ଡି ଯେ କୁପି ଫାଉଣ୍ଡେଶନକୁ ଅଯାଚିତ ଅର୍ଥ ପ୍ରଦାନ କରୁଛନ୍ତି ଓଟେଡୋଲା। ସର୍ବେକ୍ଷଣ କୁହେ ବିଶ୍ୱର ଅର୍ଦ୍ଧେକ ଧନ ମୋଟ ଜନସଂଖ୍ୟାର ମାତ୍ର ଏକଶତାଂଶ ଲୋକଙ୍କ ପାଖରେ ଗଚ୍ଛିତ ଅଛି। ସେମାନେ ଯଦି ଚାହିଁବେ ସମଗ୍ର ବିଶ୍ୱବାସୀଙ୍କ ମୁହଁରେ ଖୁସି ଦେଖିବାକୁ ବେଶିସମୟ ଲାଗନ୍ତା ନାହିଁ।

ମୋ– ୯୪୩୭୨୩୨୪୬୩

# କରୋନା ମୃତ୍ୟୁ



ଗୌରାଙ୍ଗ ଚରଣ ପରିଡ଼ା

କରୋନା ମହାମାରୀରେ ମୃତ୍ୟୁସଂଖ୍ୟାକୁ ନେଇ ଏବେ ସବୁଠି ବେଶ ଚର୍ଚ୍ଚା। ଏ ସଂଖ୍ୟା ନେଇ ସରକାରୀ ହିସାବ ଠିକ୍ ନୁହେଁ ବୋଲି ଅନେକେ ଅଭିଯୋଗ ଆଣନ୍ତି। ଶ୍ମଶାନରେ ଶବ ସତ୍କାର ଏବଂ ନଦୀରେ ଭାସି ଯାଉଥିବା ମୃତକଙ୍କ ଦୃଶ୍ୟ ଏ ଅଭିଯୋଗର ଆଧାର ବୋଲି କୁହାଯାଉଛି। ଏ ପ୍ରଶ୍ନ ମଧ୍ୟ ଆସିଲାଣି, ଯେଉଁଠି ମଲା ମଣିଷଙ୍କ ଠିକ୍ ହିସାବ ଦିଆଯାଇପାରୁନି, ସେଠି ନାଗରିକଙ୍କ ପରିଚୟପତ୍ର ଲୋଡ଼ିବା କେତେବା ଦରକାର! ଅବଶ୍ୟ ଏହା ଖାଲି ଏକ ଅଭିଯୋଗର ପ୍ରଶ୍ନ ନୁହେଁ, ଏହା ବି ଏକ ଆବେଗର ପ୍ରଶ୍ନ।

ବିହାର ସରକାର ସମ୍ପ୍ରତି କରୋନା ମୃତ୍ୟୁର ଏକ ସଂଶୋଧିତ ତାଲିକା ଦେଲେଣି। ପୂର୍ବରୁ ଯେତିକି ମୃତକଙ୍କ ସଂଖ୍ୟା ଥିଲା, ଏଥିରେ ଆଉ ଚାରି ହଜାର ଅଧିକ ବଢ଼ିଛି। ଏହା ସେଠାରେ ଏକ ସ୍ୱତନ୍ତ୍ର ଅଡିଟ୍‌ରୁ ଜଣାପଡ଼ିଛି। ପ୍ରକାଶଥାଉ କି, ମୃତକଙ୍କ ପୁନଃ ଗଣନା କରିବାକୁ ପାଟଣା ଉଚ୍ଚ ନ୍ୟାୟାଳୟ ବିହାର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଙ୍ଗାନଦୀରେ ଭାସୁଥିବା ଶହ ଶହ ଶବଙ୍କ ପରିଚୟ ପାଇଁ ଏକ ଜନସ୍ୱାର୍ଥ ମାମଲା କୋର୍ଟରେ ଦାଖଲ ହୋଇଥିଲା।

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବଂ ତଜ୍ଜନିତ ମୃତ୍ୟୁ ପୃଥିବୀସାରା ବି ନଜରରେ ଅଛି। କାରଣ କରୋନା ମହାମାରୀର ପ୍ରଭାବ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ନୁହେଁ, ହୋଇ ବି ପାରିବନି। କାରଣ ଏହା ଏକ ବିଶ୍ୱ ମହାମାରୀ।

ନ୍ୟୁୟର୍କ ଟାଇମ୍ସ ଖବରକାଗଜର ଏକ ରିପୋର୍ଟରେ କୁହାଯାଇଛି, ଭାରତରେ କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଭାରତର ସରକାରୀ ହିସାବଠାରୁ ଢେର ଅଧିକ। ସଂକ୍ରମିତଙ୍କ ସଂଖ୍ୟା ଏଠି ପ୍ରାୟ ଚାଳିଶ କୋଟି ଏବଂ ମୃତ୍ୟୁସଂଖ୍ୟା ବୟାଳିଶ ଲକ୍ଷ ହୋଇପାରେ। ରିପୋର୍ଟରେ ଏ କଥା ବି ଅଛି, ଭାରତର ଗ୍ରାମାଞ୍ଚଳରେ କରୋନାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ହିସାବକୁ ନିଆ ଯାଇପାରୁନି। ଗାଁ ଲୋକ ନିଜ ଆତ୍ମୀୟଙ୍କ ଦେହାନ୍ତ କରୋନାରେ ହୋଇଛି ବୋଲି କହିବାକୁ ଭୟ ଆଉ ଲଜ୍ଜା ଅନୁଭବ କରୁଛନ୍ତି। ଭାରତରେ ପ୍ରାୟ ସାଢ଼େ ଛ' ଲକ୍ଷ ଗାଁ ଅଛି। ଦେଶର ସତୁରି ଭାଗ ଲୋକ ଗାଁରେ ରହନ୍ତି। ପୃଥିବୀର କିଛି ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ଦ୍ୱାରା ଭାରତରେ କରୋନା ସଂକ୍ରାନ୍ତ ଏପରି ଅଧ୍ୟୟନ ହୋଇଛି ବୋଲି ନ୍ୟୁୟର୍କ ଟାଇମ୍ସ ଦାବି କରେ। କିନ୍ତୁ ଏ ଖବରକାଗଜ ରିପୋର୍ଟର କିଛି ବାସ୍ତବ ଆଧାର ଯେ ନାହିଁ, ସରକାର ଜବାବ ଦେଇ ସାରିଲେଣି।

ଏହା ସତ, ଭାରତରେ କରୋନା ମହାମାରୀ ମୃତ୍ୟୁର ତାଣ୍ଡବ ରଚିଛି। ଏଇ ମୃତ୍ୟୁ ତାଲିକାରେ ଡାକ୍ତର, ପ୍ରଫେସର, ଶିଳ୍ପୀ, ଇଞ୍ଜିନିୟର, ସମାଜସେବୀ, ଖବରଦାତା, କ୍ରୀଡ଼ାବିତ୍‌ଙ୍କ ନାଁ ଅଛି। ଅଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟର ପ୍ରାୟ ଷାଠିଏ ଜଣ ପ୍ରଫେସରଙ୍କ କରୋନାରେ ମୃତ୍ୟୁ ହେଲାଣି ବୋଲି ଖବର ମଧ୍ୟ ଆସେ। ଏହା ଖାଲି ଏକ ନିର୍ଦ୍ଦିଷ୍ଟ ବିଶ୍ୱବିଦ୍ୟାଳୟର ଖବର ନୁହେଁ। ଭାରତର ଅନେକ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନମାନଙ୍କରେ ଏପରି ଘଟଣା ଘଟୁଛି। ସବୁଠାରୁ ବଡ଼ କଥା ହେଲା, ଅନେକ ଯୁବକଙ୍କର ଅକାଳ ମୃତ୍ୟୁ ସମାଜ ପାଇଁ ଅପୂରଣୀୟ କ୍ଷତି ଆଣିଛି।

ସମାଜରେ ଏକ ଉତ୍କୃଷ୍ଟ ମାନବସମ୍ବଳ ହଠାତ୍ ଗଢ଼ି ହୋଇଯାଏନି। ଏହାକୁ ଗଢ଼ି ତୋଳିବାକୁ ବର୍ଷ ବର୍ଷ ସମୟ ଲାଗିଥାଏ। କରୋନା ମହାମାରୀ ଭାରତରେ ଏକ ବୁଦ୍ଧିଜୀବୀ ଶୂନ୍ୟତା ସୃଷ୍ଟି କରି ସାରିଲାଣି। ଗାନ୍ଧିଜୀ କହନ୍ତି, ଗୋଟିଏ ଦେଶର ଗରିମା ସେ ଦେଶର ପାର୍ଥିବ ସମ୍ପତ୍ତିରୁ ଜଣାଯାଏନି, ସେ ଦେଶରେ କେତେ ଧୀଶକ୍ତି ସମ୍ପନ୍ନ ମାନବସମ୍ବଳ ଅଛି, ସେଥିରୁ ଜଣାଯାଏ।

ପ୍ରଶ୍ନ ଆସେ, ସରକାର ଜାଣି ଜାଣି କରୋନା ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି ନା ପ୍ରକୃତ ମୃତ୍ୟୁସଂଖ୍ୟା ଜାଣି ହେଉନାହିଁ? ଏ ପ୍ରଶ୍ନର ହୃଦ୍‌ବୋଧ ହେବା ପରି ଠିକ୍ ଉତ୍ତର ବାସ୍ତବରେ ମିଳେନି। ଉତ୍ତରରେ କିନ୍ତୁ ଏପରି କୁହାଯାଏ, କୋଭିଡ୍ ଗାଇଡ୍‌ଲାଇନ୍ସ ଅନୁସାରେ ଯେଉଁ ମୃତ୍ୟୁ ତଥ୍ୟ ଆସେ, ତାହା ପ୍ରକାଶ କରାଯାଏ। ଗ୍ରାମାଞ୍ଚଳରୁ ତଥ୍ୟ ପାଇବା କଷ୍ଟ ହେଉଛି। କାରଣ ଗ୍ରାମାଞ୍ଚଳରେ କୋଭିଡ୍ ପରୀକ୍ଷା କମ୍ ହେଉଛି। ପରିବାର ଲୋକ ସାମାଜିକ ବାସନ୍ଦ ଏବଂ ଘୃଣାକୁ ଭୟ କରି ସୂଚନା ଦେବାକୁ କୁଣ୍ଠା କରୁଛନ୍ତି। କିନ୍ତୁ ବର୍ତ୍ତମାନର ଆଧୁନିକ ଭାରତରେ ସମସ୍ତ ଶକ୍ତ ସୂଚନା ତନ୍ତ୍ର ଥିବା ସତ୍ତ୍ୱେ ଯେ ଗ୍ରାମାଞ୍ଚଳର ନିର୍ଭୁଲ ସୂଚନା ଆମେ ପାଇ ପାରୁନାହୁଁ, ତାହାହିଁ ବିଡ଼ମ୍ବନା।

ଭାରତରେ ମୃତକଙ୍କୁ ମର୍ଯ୍ୟାଦା ଦିଆଯାଏ। ସତ୍କାର ପୂର୍ବରୁ ଶବକୁ ଶୁଦ୍ଧ, ପବିତ୍ର କରାଯାଏ। ନୂତନ ବସ୍ତ୍ର, ଫୁଲ ଚନ୍ଦନରେ ସଜେଇ ଦିଆଯାଏ। ମୃତ୍ୟୁକୁ ନେଇ ଉତ୍ସବ ପାଳନ ହୁଏ। କିନ୍ତୁ ନଈପଠାରେ, ନଈପାଣିରେ ନିଜ ଆତ୍ମୀୟଙ୍କ ଶବକୁ ଏବେ ଏମିତି ଅମର୍ଯ୍ୟାଦା ଭାବେ ଫିଙ୍ଗାଯାଉଛି କାହିଁକି? ଏହାର କିଛି କାରଣ ଆସୁଛି। ପ୍ରଥମ କାରଣ ହେଉଛି, ଶବ ସତ୍କାର ପାଇଁ ଆବଶ୍ୟକ ଅର୍ଥ ଗାଁ ଲୋକଙ୍କ ପାଖରେ ଏବେ ନାହିଁ। କାଠ କିଣିବାକୁ ପଇସା ନାହିଁ। କାମ ଅଭାବରୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ବୃଦ୍ଧି ପାଇଛି। ଅନ୍ୟ ଏକ କାରଣ ହେଲା, କରୋନା ଯେ ଏକ ସାଙ୍ଘାତିକ ଅଛୁଆଁ ରୋଗ ଯାହାକୁ ଛୁଇଁଦେଲେ ଅନ୍ୟ ଜଣଙ୍କର ମୃତ୍ୟୁ ବି ହୋଇପାରେ, ଏ ଧାରଣା ଏବେ ମଧ୍ୟ ଲୋକଙ୍କ ଭିତରେ ଜମାଟ ବାନ୍ଧି ରହିଛି। ଏ ଧାରଣା ବିରୋଧରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସଚେତନତା ସୃଷ୍ଟି ହୋଇ ପାରିନାହିଁ। ହଜାର ହଜାର ବର୍ଷ ଧରି ଭାରତୀୟ ସାମାଜିକ ତଥା ପାରିବାରିକ ସମ୍ପର୍କରେ ଆତ୍ମୀୟତାକୁ ନେଇ ଯେଉଁ ଗର୍ବ ଥିଲା, ସେଇ ଆତ୍ମୀୟତା ଏବଂ ଗର୍ବକୁ କରୋନା ଛଡ଼େଇ ନେଇସାରିଲାଣି। 'ମଲା ଗଲା'ର ପୁରୁଣା ଧାରଣା ଏବେ କେମିତି ନିଷ୍ଠୁରତା ଆଣିଦେଇଛି। ଶବ ପ୍ରତି ସମ୍ମାନ ପଛକୁ, ତେଣୁ ଠେଲି ହୋଇଗଲାଣି।

କରୋନାରେ ସଂକ୍ରମିତ ଏବଂ ମୃତ୍ୟୁସଂଖ୍ୟା ଯଦି ଜାଣି ଜାଣି ଗୋପନ ରଖାଯାଉଥାଏ ଏବଂ ମିଛ ଆଶା ସୃଷ୍ଟି ପାଇଁ ପ୍ରୟାସ ହେଉଥାଏ, ଏହା ସାଙ୍ଘାତିକ। ଏଥିରେ ବିପଦ ଅଛି। ଏ ବିପଦ ହେଉଛି ସାଧାରଣରେ କରୋନା ଆଚରଣ ପାଳନ କରିବାର ଗମ୍ଭୀରତାକୁ ଏହା ହ୍ରାସ କରିଦେବ ଏଇ ଯେମିତି ପ୍ରଥମ ଲହର ପରେ ଆମର ଢିଲାପଣ କରୋନାର ଦ୍ୱିତୀୟ ଲହରକୁ ଆମନ୍ତ୍ରଣ କଲା ଏବଂ ଅନ୍ୟ ବିପଦଟି ହେଉଛି ମିଛ ମୃତ୍ୟୁସଂଖ୍ୟା ଭବିଷ୍ୟତ ପାଇଁ ଉପଯୁକ୍ତ ଯୋଜନା ତିଆରି କରିବାରେ ବାଧକ ହିଁ ହେବ। ସତ୍ୟ ଏବଂ ନିର୍ଭୁଲ ତଥ୍ୟ ଆଧାରରେ ପ୍ରସ୍ତୁତ ହୋଇ ନଥିବା ଯେକୌଣସି ଯୋଜନା କେବେ ସଫଳ ହୋଇ ନଥାଏ। ପଥ ଭୁଲ ହେଲେ ଲକ୍ଷ୍ୟ ଭୁଲ ହୁଏ। ଭାରତ ର ବିଶେଷଜ୍ଞମାନେ ତେଣୁ ତଥ୍ୟ ନ ଲୁଚେଇବାକୁ ସରକାରଙ୍କୁ ପରାମର୍ଶ ଦେଇ ସାରିଲେଣି। ସୁତରାଂ ସତ୍ୟ ନ ଲୁଚୁ। ଅନ୍ତତଃ ପରିସଂଖ୍ୟାନଟିରେ ରହିବା ପାଇଁ, ସେ ଜନ୍ମ ହେଉ ବା ମୃତ୍ୟୁ ନାଗରିକର ଅଧିକାର ରହୁ।

ପୁରୀ, ମୋ: ୯୮୬୧୪୬୯୩୨୮

## ଏଇ ଭାରତରେ

ମହାମାରୀ କରୋନାର ଦ୍ୱିତୀୟ ଲହରରେ ପ୍ରିୟଜନଙ୍କୁ ହରାଇଛନ୍ତି ଅନେକେ। ସେମାନଙ୍କ ମଧ୍ୟରୁ କେତେକ ଦୁଃଖ ସମୟରୁ ନିଜକୁ ବାହାରକୁ ଆଣି କିଛି ଭିନ୍ନ କାର୍ଯ୍ୟ କରି ଉଦାହରଣ ପାଲଟିଛନ୍ତି। ସେଭଳି ଜଣେ ହେଲେ ଚେନ୍ନାଇର ଆର୍ ସିଥା ଦେବୀ। ଡାଏଲିସିସ୍ ରୋଗୀ ଥିବା ସିଥାଙ୍କ ମା' କରୋନାରେ ଆକ୍ରାନ୍ତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସିଥା ତାଙ୍କୁ ରାଜୀବ ଗାନ୍ଧୀ ସରକାରୀ ଜେନେରାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଖାଲିଶଯ୍ୟା ନ ଥିବାରୁ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ବାହାରେ ଅପେକ୍ଷା କରିବାକୁ ପଡ଼ିଲା। ଦୀର୍ଘ ୪ ଘଣ୍ଟା ପରେ ଶଯ୍ୟା ମିଳିଥିଲେ ହେଁ ତାଙ୍କୁ ବଞ୍ଚାଯାଇ ପାରି ନ ଥିଲା। ଶେଷରେ ନିଜ ମା'ଙ୍କୁ ହରାଇଥିଲେ ସେ। ଠିକ୍ ସମୟରେ ଅମ୍ଳଜାନ ଯୋଗାଣ ହୋଇପାରିଥିଲେ ତାଙ୍କୁ ବଞ୍ଚାଯାଇପାରିଥାନ୍ତା ବୋଲି ସିଥା ଅନୁଭବ କରିଥିଲେ। ତାଙ୍କ ମା'ଙ୍କ ପରି ଆଉ କେହି ସେଭଳି ସମସ୍ୟାରେ ନ ପଡ଼ନ୍ତୁ ଆଶା ରଖି ମା'ଙ୍କ ସ୍ମୃତିରେ ଅମ୍ଳଜାନ ଯୋଗାଇବାକୁ ସେ ନିଷ୍ପତ୍ତି ନେଇଥିଲେ।

ମେ' ୬ ରେ ସିଥା ନିଜ ସ୍ୱେଚ୍ଛାସେବୀ ସଂସ୍ଥାର ଖାଦ୍ୟ ଯୋଗାଣରେ ବ୍ୟବହୃତ ଏକ ଅଟୋରିକ୍ସାକୁ ଠିକ୍ କରିଥିଲେ। ସେଥିରେ ସେ ଏକ ଅମ୍ଳଜାନ ସିଲିଣ୍ଡର ରଖିଥିଲେ। ସେବେଠାରୁ ପ୍ରତିଦିନ ସକାଳ ୭ଟା ବେଳକୁ ତାଙ୍କ ଗାଡ଼ି ରାଜୀବ ଗାନ୍ଧୀ ହସ୍ପିଟାଲ ବାହାରେ ଛିଡ଼ା ହୋଇଥାଏ। ସେ ଦୀର୍ଘ ୧୨ ଘଣ୍ଟା ଧରି ଆବଶ୍ୟକ କରୁଥିବା ରୋଗୀଙ୍କୁ ଅମ୍ଳଜାନ ଯୋଗାଇଥାନ୍ତି। ସହାୟତା ଦେବା ଲାଗି ୨୪ ଘଣ୍ଟା ଧରି ତାଙ୍କ ଫୋନ୍ ଅନ୍ ରହିଥାଏ। ଜରୁରୀକାଳୀନ ପରିସ୍ଥିତିରେ କେହି ଅମ୍ଳଜାନ ନେଇ ଫୋନ୍ କଲେ ତାଙ୍କ ସ୍ୱେଚ୍ଛାସେବୀ ଟିମ୍ ସେଠାରେ ପହଞ୍ଚି ଗାଡ଼ିରେ ସେମାନଙ୍କୁ ଅମ୍ଳଜାନ ଯୋଗାଇ ଦେଇଥାନ୍ତି। ଇତି ମଧ୍ୟରେ ସେ ୫୦୦ରୁ ଅଧିକ ଲୋକଙ୍କୁ ମାଗଣାରେ ଏହି ସୁବିଧା ଯୋଗାଇବାରେ ସକ୍ଷମ ହୋଇଛନ୍ତି। ଏବେ ସେ ଆଉ ଦୁଇଟି ଅଟୋରିକ୍ସାକୁ ଅମ୍ଳଜାନ ଯୋଗାଣକାରୀ ଯାନରେ ପରିଣତ କରିଛନ୍ତି। ଏହାଛଡ଼ା ସେ ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ, ସାନିଟାରୀ ନାପକିନ୍ ଡିସ୍‌ପେନସର ସ୍ଥାପନ ଏବଂ କୋଭିଡ ୧୯ରେ ସଂକ୍ରମିତ ଅଜ୍ଞାତ ଶବ ସତ୍କାର ଭଳି କାର୍ଯ୍ୟ କରୁଥିବା ସିଥା କୁହନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସେନାଙ୍କୁ ଶକ୍ତିଶାଳୀ କରାଯାଉ

ମହାଶୟ,

ଅତୀତରେ ଆମେରିକାର ସାମରିକ ବିଶେଷଜ୍ଞମାନେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଓ ଭାରତୀୟ ସେନାମାନଙ୍କର ରଣନୈପୁଣ୍ୟ ଦକ୍ଷତା ଦେଖି ଯେଉଁ ଅନୁକୂଳ ମନ୍ତବ୍ୟ ଦେଇଥିଲେ, ମୁଁ ଖବରକାଗଜରୁ ଭଲଭାବରେ ପଢ଼ିଥିଲି। ସାମରିକ ବିଶେଷଜ୍ଞଙ୍କ ମତରେ ମୋ ଛାତି ଗର୍ବରେ ଫୁଲି ଉଠିଲା। ସେମାନେ କହିଥିଲେ– ଭାରତ ପ୍ରତିରକ୍ଷା କ୍ଷେତ୍ରରେ ସାଂଘାତିକ ଶକ୍ତିଶାଳୀ। ଏପରିକି ଭାରତର ପରମ ଶତ୍ରୁ ଭାରତ ଓ ପାକିସ୍ତାନର ମିଳିତ ମୁକାବିଲା ପାଇଁ ଭାରତୀୟ ସେନା ସମର୍ଥ। ତଥାପି ପରିସ୍ଥିତିକୁ ଚାହିଁ ଭାରତୀୟ ସେନାଙ୍କୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୪୯୯୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଏପରି ଭାବେ ଆତ୍ମନିର୍ଭରଶୀଳ କରିବ, ପ୍ରତିରକ୍ଷା ସାମଗ୍ରୀ ପାଇଁ ଭାରତ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭର କରିବ ନାହିଁ। ବେଳ ଆସିବ ଭାରତ ପ୍ରତିରକ୍ଷା ସାମଗ୍ରୀ ଅନ୍ୟ ଦେଶକୁ ରପ୍ତାନି କରିପାରିବ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମିଥୁନ୍ ହତ୍ୟାକାଣ୍ଡ: ଆଉ ଜଣେ ଗିରଫ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ଗ୍ରାମର ମିଥୁନ୍ ଜେନା ହତ୍ୟାକାଣ୍ଡ ମାମଲାରେ ଆଉ ଜଣଙ୍କୁ ଗିରଫ କରାଯାଇଛି। ଏହାପରେ ଗିରଫଙ୍କ ସଂଖ୍ୟା ୫ରେ ପହଞ୍ଚିଥିବା ସଦର ଏସ୍‌ଡିପିଓ ବିକାଶ ବେଉରିଆ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତ ଶନିବାର ରାତିରେ ମିଥୁନଙ୍କୁ ହତ୍ୟା କରାଯାଇଥିଲା।

## ସଂକ୍ଷେପରେ

### ସୁଦୀପ ଏନ୍‌ଟିପିସି କଣିହାଁ ଇଡି



**କଣିହାଁ,୨୨।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିର ସିଜିଏମ୍ ଥିବା ସୁଦୀପ ନାଗଙ୍କୁ ଏହି ୟୁନିଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ପଦୋନ୍ନତି ଦିଆଯାଇଛି। ତାଙ୍କର ଦୀର୍ଘ ୩୪ ବର୍ଷର ଅଭିଜ୍ଞତା ରହିଛି। କେନ୍ଦ୍ର ସରକାରଙ୍କ ମହାରତ୍ନ କମ୍ପାନୀର ମେକାନିକାଲ ମେଣ୍ଟେନାନ୍ସ, ଇଇଏମ୍‌ଜି, ଅପରେଶନ ସର୍ଭିସେସ୍ ଏବଂ ବାଣିଜ୍ୟ ଉନ୍ନତୀକରଣ ଭଳି ବିଭିନ୍ନ ବିଭାଗରେ ସେ କାମ କରିଛନ୍ତି। ସେ ଏନ୍‌ଟିପିସିରେ ୧୯୮୭ରେ ଏକ୍‌ଜିକ୍ୟୁଟିଭ ଟ୍ରେନିଂ ଭାବେ ଯୋଗ ଦେଇଥିଲେ। ଦୁର୍ଗାପୁର ଏନ୍‌ଆଇଟିରୁ ମେକାନିକାଲ ଇଞ୍ଜିନିୟରିଂରେ ସେ ଡିଗ୍ରୀ ଲାଭ କରିଛନ୍ତି। ଏହାବାଦ ଗୁରୁଗାଓଁସ୍ଥିତ ଏମ୍‌ଡିଆଇ୍‌ରେ ବିଜିନେସ ମ୍ୟାନେଜମେଣ୍ଟରେ ପିଜି ଡିପ୍ଲୋମା, ୟୁରୋପର ଇଏସ୍‌ସିପି-ଇଏପି ଏବଂ ହାଇଦ୍ରାବାଦର ଏଏସ୍‌ସିଆଇରୁ ମ୍ୟାନେଜମେଣ୍ଟ ଟ୍ରେନିଂ, ଜାପାନର ଜେ-କୋଲ୍ ପରିବେଶ ପରିଚାଳନା ଟେକ୍ନୋଲୋଜିରେ ମଧ ସେ ତାଲିମ ଗ୍ରହଣ କରିଛନ୍ତି। ୨୦୧୯ରେ ସେ କଣିହାଁ ୟୁନିଟ୍‌ର ବିଜିନେସ ୟୁନିଟ୍ ହେଡ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

### ଲିଙ୍ଗରାଜ ବ୍ୟତୀତ ଅନ୍ୟ ଖଣି ଚାଲିବ

**ତାଳଚେର,୨୨।୬ (ନି.ପ୍ର.):** ତାଳଚେରସ୍ଥିତ ଲିଙ୍ଗରାଜ କୋଇଲା ଖଣିରେ କାର୍ଯ୍ୟରତ ଏକ ଘରୋଇ ଠିକାସଂସ୍ଥାରେ ନିଯୁକ୍ତି ଦାବି ବେଳେ ଗିରଫଦାରି କରାଯିବାରୁ ଏହା ପ୍ରତିବାଦରେ ମହାନଦୀ କୋଲ୍ ଫିଲଡ୍ସ କଣ୍ଟ୍ରାକ୍ଟୁଆଲ ଟ୍ରାନ୍ସପୋର୍ଟ ୟୁନିୟନ ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଥିବା ଖଣି ବନ୍ଦ ଆନ୍ଦୋଳନର ସମ୍ପୂର୍ଣ୍ଣ ସମାଧାନ ହୋଇପାରି ନାହିଁ। ସୋମବାର ସନ୍ଧ୍ୟାରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ କାର୍ଯ୍ୟାଳୟରେ ଏ ନେଇ ବସିଥିବା ବୈଠକ ବିଫଳ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ପୁନର୍ବାର ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ଲିଙ୍ଗରାଜ ଖଣି ବନ୍ଦ ରହିବ ଓ ଅନ୍ୟ ଖଣି କାର୍ଯ୍ୟ ପୂର୍ବଭଳି ଚାଲୁ ରହିବ ବୋଲି ସ୍ଥିର କରାଯାଇଥିଲା। ଫଳରେ ଅପରାହ୍ନଠାରୁ ଏମ୍‌ସିଏଲ୍‌ର ଅନ୍ୟ ଖଣିଗୁଡ଼ିକରେ କାର୍ଯ୍ୟ ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି।

### ବାଲିଘାଟରେ ଚଢ଼ାଉ

**କାମାକ୍ଷାନଗର, ୨୨।୬(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ୍ କୋରିଆଁପାଳସ୍ଥିତ ଏକ ବେଆଇନ ବାଲି ଘାଟରେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୫ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଟ୍ରାକ୍ଟରଗୁଡ଼ିକରୁ ୫୦,୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ନେତୃତ୍ୱରେ ଆର୍‌ଆଇ ରକେଶ ଗଡ଼ନାୟକ, ଇନ୍ଦ୍ରମଣି ଭୋଇ, ସୁଭଦ୍ରା ସାହୁ, ଏଆରଆଇ ଟୁକୁନା ବେହେରା ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଝୁଲନ୍ତା ମୃତଦେହ ଜବତ

**କାମାକ୍ଷାନଗର/ କଣିହାଁ, ୨୨।୬(ଡି.ଏନ.ଏ.):** କାମାକ୍ଷାନଗର ଥାନା କାନପୁରା-ଜିରିଡ଼ାମାଳି ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଏକ ତେନ୍ତୁଳି ଗଛରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ କାନପୁରା ପାତ୍ରସାହିର ପରମା ପାତ୍ର (୩୫)। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଛି। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ପୋଲିସ ମଙ୍ଗଳବାର ଏକ ଗଛରୁ ଝୁଲନ୍ତା ମୃତଦେହ ଜବତ କରିଛି। ଏ ନେଇ ଥାନାରେ ହତ୍ୟା ଅଭିଯୋଗ ପରେ ପୋଲିସ ନଂ. ୧୦୭/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ମୃତକ ହେଉଛନ୍ତି ବରପଦା ଗ୍ରାମର ଦୁଃଖୀ ଭୋଇ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ।

### ଗୁରୁତରଙ୍କ ମୃତ୍ୟୁ, ୩ ଗିରଫ

**ପରଜଙ୍ଗ, ୨୨।୬(ଡି.ଏନ.ଏ.):** ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ କୁଟୁରିଆ ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଗତ ୨୦ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୁରୁତର ହୋଇଥିବା ଅଖିଳ ସାହୁଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଅଭିଯୁକ୍ତ କୀର୍ତ୍ତନ ସେଠୀ, ଭାବିନୀ ସେଠୀ ଏବଂ ବୈଶାଖୀ ସେଠୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାକୁ ସମସ୍ତଙ୍କୁ କାମାକ୍ଷାନଗର ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଥାନାରେ ନଂ. ୨୩/୨୧ରେ ମାମଲା ରୁଜୁ ହୋଇଛି।

# ସୌଭାଗ୍ୟରୁ ବଞ୍ଚିତ କରିଦେଲେ ସାଆନ୍ତେ



- କଟକଣା ମଧ୍ୟରେ ଶୈଳଶ୍ରୀକ୍ଷେତ୍ରରେ ହେବ ସ୍ନାନଯାତ୍ରା
- ଦର୍ଶନ ପାଇବେନି ଜାଣି ଶ୍ରଦ୍ଧାଳୁଙ୍କ ଆଖି ଛଳ ଛଳ
- ୯୬ ସେବକଙ୍କ କରାଯାଇଛି କୋଭିଡ୍ ଟେଷ୍ଟ

**ଅନୁଗୋଳ ଅଫିସ, ୨୨।୬**

କିଛିଟା କାବୁ ହୋଇଛି କରୋନା ସଂକ୍ରମଣ। ତଳମୁହାଁ ଧରିଛି ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା। ସ୍ଥିତିକୁ ଦେଖି ପୂର୍ବ କଟକଣାରେ ସାମାନ୍ୟ କୋହଳ କରାଯାଇଥିଲେ ମଧ ଧର୍ମାନୁଷ୍ଠାନରୁ ତାଲା ଖୋଲିବା ସପକ୍ଷରେ ନାହାନ୍ତି ସରକାର। ତେଣୁ ଦିନକ ପରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ପଡୁଥିବାରୁ ମନକଷ୍ଟ କରିଛନ୍ତି ଅନୁଗୋଳର ସହସ୍ରାଧିକ ଶ୍ରଦ୍ଧାଳୁ। ଗତବର୍ଷ ପରି ଏଥର ମଧ ଶୈଳଶ୍ରୀକ୍ଷେତ୍ରରେ ହାତୀବେଶ ଦେଖିବାର ସୌଭାଗ୍ୟ ସାଆନ୍ତେ ଦେବେନାହିଁ ବୋଲି ଜାଣି ଲୁହଗଡ଼ାଉଛନ୍ତି ଶ୍ରୀଜଗନ୍ନାଥଙ୍କ ଭକ୍ତ।

ଆସନ୍ତା ଗୁରୁବାର ଦିନ ରତ୍ନବେଦିରୁ ଓହ୍ଲାଇ ସ୍ନାନବେଦିରେ ବିରାଜିବେ ଶ୍ରୀଜଗନ୍ନାଥ। ସାଙ୍ଗରେ ବଡ଼ଭାଇ ଓ ସାନ ଭଉଣୀ ମଧ ଆସିବେ ପହଣ୍ଡିରେ। ପ୍ରତିବର୍ଷ ଅନୁଗୋଳରେ ରଥଯାତ୍ରା ପୂର୍ବରୁ ୩ ଠାକୁରଙ୍କ ଏହି ହାତୀବେଶ ଦେଖିବାକୁ ପ୍ରବଳ ଗହଳି ହୁଏ ଶୈଳଶ୍ରୀକ୍ଷେତ୍ରରେ। କିନ୍ତୁ କରୋନା କାରଣରୁ ଗତବର୍ଷ କୌଣସି ଭକ୍ତ ସ୍ନାନଯାତ୍ରାରେ ସାମିଲ ହୋଇପାରି ନ ଥିଲେ। ସମସ୍ତେ ଆଶା ବାନ୍ଧିଥିଲେ ଆସନ୍ତାବର୍ଷକୁ। ହେଲେ ତାହା ମଧ ପୂରଣ ହୋଇପାରିବ ନାହିଁ। କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ସରକାର ଧର୍ମାନୁଷ୍ଠାନ ଦ୍ୱାର ଖୋଲିବାକୁ ଏବେ ପ୍ରସ୍ତୁତ ନାହାନ୍ତି। ତେଣୁ କୋଭିଡ୍ କଟକଣା ମଧ୍ୟରେ ହିଁ ସ୍ନାନଯାତ୍ରା ପାଳନ ହେବ। ରଥଯାତ୍ରା ମଧ ମନ୍ଦିର ମଧ୍ୟରେ ନୀତିକାନ୍ତିରେ ସୀମିତ ରହିବ। କାର୍ଯ୍ୟସୂଚୀ ଅନୁଯାୟୀ, ଭୋର ୩ଟା ୩୦ରେ ଶୈଳଶ୍ରୀକ୍ଷେତ୍ର ମନ୍ଦିରରେ ପହୁଡ଼ ଫିଟାଯାଇ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ। ପରେ ଶ୍ରୀଜୀଉଙ୍କୁ ସିଂହାସନରୁ ଅବତରଣ ପାଇଁ ସେନାପଟା ଲାଗି କରାଯିବ। ପ୍ରାତଃ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୭ରୁ ୮ଟା ମଧ୍ୟରେ ପହଣ୍ଡିରେ ସ୍ନାନ ମଣ୍ଡପକୁ ଶ୍ରୀଜୀଉମାନଙ୍କୁ ଅଣାଯିବ। ସେଠାରେ ବିଭିନ୍ନ ନୀତିକାନ୍ତି ପରେ ୯ଟା ୩୦ରେ ଷୋଡ଼ଶ ଉପଚାରରେ ସ୍ନାନ କରାଯିବା ସହ ରତ୍ନବସ୍ତ୍ର ଲାଗି ହେବ। ପୂର୍ବାହ୍ନ ୧୦ଟାରେ ଜିଲାପାଳ ଛେରା ପହଁରା କରିବେ। ଏଥିରେ ଅନୁଗୋଳ ଏସ୍‌ପି ସହଯୋଗ କରିବେ। ୧୧ଟା ମଧ୍ୟରେ ଠାକୁରଙ୍କ ହାତୀବେଶ କରାଯିବ। ୧୧ଟା ୩୦ରେ ପ୍ରାତଃ ଓ ମଧ୍ୟାହ୍ନ ଧୂପ ଲାଗି ହେବ। ମଧ୍ୟାହ୍ନ ୧୨ଟାରେ ପହଡ଼ ପକାଯିବ। ସନ୍ଧ୍ୟା ୫ଟାରେ ପହଡ଼ ଖୋଲାଯିବା ପରେ ସନ୍ଧ୍ୟା ଆଳତି ହେବ। ଚଳିତବର୍ଷ ସାହାଣ ମେଲା ନ ଥିବାରୁ ୫ଟା ୩୦ରେ ଗଜାନନ ବେଶ ଉଲାଗି କରାଯାଇ ସଧାରଣ ବେଶ କରାଯିବ। ଏହାପରେ ଗୋଟି ପହଣ୍ଡିରେ ସନ୍ଧ୍ୟା ୬ଟା ୩୦ରୁ ୭ଟା ମଧ୍ୟରେ ତିନିଠାକୁର ଅଣସର ଗୃହକୁ ପ୍ରବେଶ କରିବେ ବୋଲି ମନ୍ଦିର ପରିଚଳାନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଠାକୁରଙ୍କ ସେବା କରିବାକୁ ଥିବା ୯୬ ଜଣ ବିଭିନ୍ନ ବର୍ଗର ସେବକଙ୍କ କୋଭିଡ୍ ଟେଷ୍ଟ କରାଯାଇସାରିଛି।

### ମନ୍ଦିରରେ କେବଳ ବିଧି ପାଳନ



"କରୋନା ସମୟରେ ଜୀବନ ରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଚଳିତବର୍ଷ ଅନୁଗୋଳ ଜିଲାରେ ଠାକୁରଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ବନ୍ଦ କରାଯାଇଛି। କୋଭିଡ୍ ନିୟମ ମଧ୍ୟରେ କେବଳ ମନ୍ଦିର ପରିସରରେ ଠାକୁରଙ୍କ ବିଧି ପାଳନ ହୋଇପାରିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ଗାଇଡ୍ ଲାଇନ୍ ମଧ୍ୟରେ ହେବ ନୀତିକାନ୍ତି



"ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଶୈଳଶ୍ରୀକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ନୀତି କରାଯିବ। ମହାପ୍ରଭୁଙ୍କ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ୯୬ ସେବାୟତଙ୍କ କରୋନା ପରୀକ୍ଷା କରାଯାଇଛି। ନେଗେଟିଭ୍ ରିପୋର୍ଟ ଥିବା ସେବାୟତମାନେ ନୀତିକାନ୍ତିରେ ଅଂଶ ଗ୍ରହଣ କରିବେ।

-ହେମନ୍ତ ଦାସ, ସମ୍ପାଦକ, ପରିଚଳାନା କମିଟି

### ମନ ଭାଙ୍ଗୁଛି ସରକାରୀ କଟକଣା



"୨ ବର୍ଷ ହେବ ସ୍ନାନଯାତ୍ରା କି ଘୋଷଯାତ୍ରା ଦେଖି ହେଉନି। ନିଜ ଭକ୍ତମାନଙ୍କ ଉପରେ ମହାପ୍ରଭୁ ବୋଧେ ରୋଷ କରିଛନ୍ତି। ସେଥିପାଇଁ ସେମାନଙ୍କୁ ଦର୍ଶନ ସୌଭାଗ୍ୟରୁ ବଞ୍ଚିତ କରୁଛନ୍ତି। ସରକାରୀ କଟକଣା ମଧ ଶ୍ରଦ୍ଧାଳୁଙ୍କ ମନ ଭାଙ୍ଗିଦେଉଛି। ପୁଣିଥରେ ଆସନ୍ତାବର୍ଷକୁ ଅପେକ୍ଷା।

-ରୀନା ପ୍ରଧାନ, ଶ୍ରଦ୍ଧାଳୁ, ଅନୁଗୋଳ

### ଲୀଳାମୟଙ୍କ ଲୀଳା ଜାଣିହେଉନି



"ମଝିରେ କେତେ ଦିନ ଠାକୁରଙ୍କ ଦର୍ଶନ ମିଳିଲା। ଭଗବାନଙ୍କୁ ଦେଖି ଭକ୍ତ ଖୁସି ହେଲେ। କିନ୍ତୁ କିଛି ଦିନ ପରେ ପୁଣି ମନ୍ଦିରରେ ତାଲା ପକାଇ ଦିଆଯାଇଛି। ସ୍ନାନଯାତ୍ରା ଓ ରଥଯାତ୍ରାରେ ଦର୍ଶକଙ୍କ ଗହଳିକୁ ଅନୁମତି ଦିଆଯାଇ ନାହିଁ। ଲୀଳାମୟ ଠାକୁର ଏମିତି କାହିଁକି ଲୀଳା କରୁଛନ୍ତି ଜାଣିହେଉ ନାହିଁ।

-ପଙ୍କଜିନୀ ପ୍ରଧାନ, ଶ୍ରଦ୍ଧାଳୁ, ଅନୁଗୋଳ

### ଅଧିକ ସତର୍କତା ଆବଶ୍ୟକ



"କରୋନା ସଙ୍କଟ ସମ୍ପୂର୍ଣ୍ଣ ନ ଟଳିବା ଯାଏ ସମସ୍ତେ ସତର୍କ ରହିବା ଆବଶ୍ୟକ। ମନ୍ଦିର ଚାରି କାନ୍ଥ ଭିତରେ ନୀତିକାନ୍ତି ହେଲେ କିଛି ଅସୁବିଧା ନାହିଁ। ଏବେ ଭକ୍ତମାନେ ଧୈର୍ଯ୍ୟ ଧରି ବିଶ୍ୱରୁ ଏହି ମହାମାରୀ ବିପଦ କିଭଳି ଭାବେ ଟଳିଯିବ, ସେ ନେଇ ପ୍ରାର୍ଥନା କରନ୍ତୁ।

-ସୌରୀ ରଞ୍ଜନ ପଣ୍ଡା, ପହଣ୍ଡି ସେବକ

## ସ୍ନାନ ପୂର୍ଣ୍ଣିମା ନୀତିର ପୁନର୍ବିଚାର ହେଉ



ଖବରଦାତା ସମ୍ମିଳନୀରେ ପଣ୍ଡିତମାନେ।

**ଅନୁଗୋଳ ଅଫିସ, ୨୨।୬**

ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତି ଆସନ୍ତା ଗୁରୁବାର ଅନୁଷ୍ଠିତ ହେବ। ତେବେ ନୀତି ଆରମ୍ଭ ନେଇ ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ତାହା ଅଶାସ୍ତ୍ରୀୟ ବୋଲି ବିଶ୍ୱ ହିନ୍ଦୁ ପରିଷଦ ଉପସଭାପତି ପଣ୍ଡିତ ମହେଶ ସାହୁ, ସନାତନ ଜାଗୃତି ପରିଷଦ ଆବାହକ ପଣ୍ଡିତ ରୋହିତ ଦାଶ ଓ ଶ୍ରୀ ଫାଉଣ୍ଡେଶନ୍ ଟ୍ରଷ୍ଟ ସଂଯୋଜକ ସୌରୀ ରଞ୍ଜନ ପଣ୍ଡା ଅଭିଯୋଗ କରିଛନ୍ତି। ସୋମବାର ଏକ ଖବରଦାତା ସମ୍ମିଳନୀରେ ଏମାନେ କହିଛନ୍ତି, ବର୍ଷ ବର୍ଷ ଧରି ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ ପୂର୍ଣ୍ଣିମା ନୀତି ଆରମ୍ଭ ହେଉଥିଲା। କିନ୍ତୁ ଚଳିତବର୍ଷ ଏହାକୁ ରାତି ଗୋଟାଏରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏ ନେଇ ପୁନର୍ବିଚାର କରିବା ଆବଶ୍ୟକ ବୋଲି ପଣ୍ଡିତମାନେ କହିଛନ୍ତି।

## ଯୁବବର୍ଗଙ୍କୁ ଟିକା

**ବଇଣ୍ଡା,୨୨।୬(ଡି.ଏନ.ଏ.)**

କିଶୋରନଗର ବ୍ଲକରେ ଯୁବବର୍ଗଙ୍କୁ ଟିକା ପ୍ରଦାନ ଆରମ୍ଭ ହୋଇଥିବା ବେଳେ ବଇଣ୍ଡା ଅଞ୍ଚଳରେ ମଙ୍ଗଳବାର ଟିକାକରଣ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ୬୮ ଜଣ ଯୁବତୀ ଯୁବକଙ୍କୁ ପ୍ରଥମ ଡୋଜ ଦିଆଯାଇଥିଲା। ସେହିପରି କଟରଙ୍ଗା ହାଇସ୍କୁଲ ପରିସରରେ ୧୩୦ ଜଣ ଯୁବତୀ ଯୁବକଙ୍କୁ ପ୍ରଥମ ଡୋଜ ଟିକା ପ୍ରଦାନ କରାଯାଇଥିଲା।

## ଗାନ୍ଧିଜୀଙ୍କ ବିକୃତ ଫଟୋକୁ ନେଇ ପ୍ରତିବାଦ



ଗାନ୍ଧିଜୀଙ୍କ ଫଟୋକୁ ନେଇ ପ୍ରତିବାଦ।

**ଢେଙ୍କାନାଳ ଅଫିସ, ୨୨।୬**

ଢେଙ୍କାନାଳ ସହର ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀପାର୍କ ପାଚେରିରେ ଅଙ୍କାଯାଇଥିବା ମହାତ୍ମା ଗାନ୍ଧୀଙ୍କ ବିକୃତ ଫଟୋଚିତ୍ରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଇନଜୀବୀ ପ୍ରକାଶଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଥିଙ୍କର୍ସ ଫୋରମ୍‌ର ସଦସ୍ୟମାନେ ଏ ସଂକ୍ରାନ୍ତରେ ଜିଲାପାଳ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଚେରିରେ ଗାନ୍ଧୀଙ୍କ ଅର୍ଦ୍ଧ ଅଙ୍କିତ ଚିତ୍ରକୁ ହଟାଇ ତୁରନ୍ତ ପୂର୍ଣ୍ଣାଙ୍ଗ ଚିତ୍ର ଆଙ୍କିବାକୁ ଦାବି କରାଯାଇଛି। ଏ ଦିଗରେ ତ୍ୱରିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ୪ ଚୋରି ଅଭିଯୁକ୍ତ ଗିରଫ

**ତାଳଚେର,୨୨।୬(ନି.ପ୍ର.)**

ତାଳଚେର ଥାନା ରେମୁଆଁରେ ହୋଇଥିବା ଏକ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରେମୁଆଁ ନୂଆସାହିର ସିପୁନ୍ ଓରଫ ଲୋକନାଥ ପଟ୍ଟନାୟକ ଓ ପିଙ୍କୁ ଓରଫ ଶ୍ରୀକୃଷ୍ଣ ମହାକୁଲ, ଦେଉଳବେଡା ଅଞ୍ଚଳର ନୁରି ଓରଫ ନୃସିଂହ ସାମଲ ଏବଂ ଛବି ସାମଲ। ସେମାନଙ୍କଠାରୁ ଏକ ସୁନା ହାର, କାନ ଫୁଲ ଏବଂ ୪ ହଜାର ଟଙ୍କା ଜବତ କରାଯାଇଛି। ଗତ ୧୭ ତାରିଖରେ ରେମୁଆଁ ନୂଆସାହିର ସବିତା ସେନାପତିଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୨୪୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ସତ୍ୟବ୍ରତ ରାଉତ ଓ ସ୍ପେଶାଲ ସ୍କ୍ୱାଡ୍‌ର ମନୋହର ପାତ୍ର ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

**କଣିହାଁ,୨୨।୬(ଡି.ଏନ.ଏ.)**



ଖଣି କ୍ଷତିଗ୍ରସ୍ତ ଜରଡ଼ା ପଞ୍ଚାୟତବାସୀ ଆନ୍ଦୋଳନ କରୁଛନ୍ତି।

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣିରେ କାର୍ଯ୍ୟରତ ଠିକା ସଂସ୍ଥାରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବି କରି ଖଣି କ୍ଷତିଗ୍ରସ୍ତ ଜରଡ଼ା ପଞ୍ଚାୟତବାସୀ ମଙ୍ଗଳବାର ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ସୂଚନା ଅନୁଯାୟୀ, କଣିହାଁ କୋଇଲା ଖଣିରେ ଖନନଠାରୁ ଆରମ୍ଭ କରି ଉତ୍ତୋଳନ ଓ ପରିବହନ କାର୍ଯ୍ୟ ଠିକାସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଉଛି। ପୂର୍ବରୁ ଉକ୍ତ ଠିକା ସଂସ୍ଥାରେ ସ୍ଥାନୀୟ କ୍ଷତିଗ୍ରସ୍ତମାନେ କାର୍ଯ୍ୟ କରୁଥିଲେ। କିନ୍ତୁ ନୂଆ ଠିକା ସଂସ୍ଥା ଆସିବା ପରେ କ୍ଷତିଗ୍ରସ୍ତମାନଙ୍କୁ ବାଦ ଦେଇ ବାହାର ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ନେଇ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ ନିମନ୍ତେ ଜରଡ଼ା ପଞ୍ଚାୟତ କ୍ଷତିଗ୍ରସ୍ତଙ୍କ ତରଫରୁ ବାରମ୍ବାର ପ୍ରଶାସନ, ଖଣି କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ବାଧହୋଇ କ୍ଷତିଗ୍ରସ୍ତମାନେ ମଙ୍ଗଳବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାକୁ ସରପଞ୍ଚ ସୁମିତ୍ରା ଦାସ ସମର୍ଥନ କରିଛନ୍ତି। ଏ ନେଇ କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କିଶୋର କୁମାର ରାଉଳଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

# ଚିନ୍ତା ବଢ଼ାଇଛି ଚୋରା ବନ୍ଧୁକ



- କପିଳାସ ଅଭୟାରଣ୍ୟରୁ ୬୦ ବନ୍ଧୁକ ଜବତ କଲାଣି ବନ ବିଭାଗ
- ର‍୍ୟାକେଟ୍ ଠାବ କରିବାରେ ପୋଲିସ ପ୍ରଶାସନ ବିଫଳ
- ଗୋଇନ୍ଦା ନିଷ୍କ୍ରିୟତାର ସୁଯୋଗ ନେଉଛନ୍ତି ଅପରାଧୀ

**ଢେଙ୍କାନାଳ ଅଫିସ, ୨୨।୬**

ଢେଙ୍କାନାଳ ଜିଲାରେ ସକ୍ରିୟ ହୋଇଉଠିଛନ୍ତି ଅପରାଧୀ ଗୋଷ୍ଠୀ। କଥା କଥାରେ ଫୁଟୁଛି ବୋମା। ହେଉଛି ଗୁଳିମାଡ଼। ଗୋଷ୍ଠୀ ସଂଘର୍ଷରେ ଗଡୁଛି ମୁଣ୍ଡ। ହେଲେ ଏତେ ପରିମାଣର ଚୋରା ବନ୍ଧୁକ, ବୋମା କେଉଁଠୁ ଆସୁଛି ଏବଂ ଏଥିରେ ବାହାର ରାଜ୍ୟର ଲିଙ୍କ୍ ଅଛି କି ନାହିଁ ସେ ସମ୍ପର୍କରେ ପୋଲିସ ନିକଟରେ କୌଣସି ସୂଚନା ନାହିଁ। ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଥିବାବେଳେ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଚୋରା ବନ୍ଧୁକକୁ ନେଇ ଏବେ ଚିନ୍ତା ବଢ଼ିଛି।

ଗତ ୧୬ ତାରିଖ ରାତିରେ କାମାକ୍ଷାନଗରର ଦୁଇ ସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ବନ୍ଧୁକ ଏବଂ ବୋମା ବ୍ୟବହାର ହୋଇଥିଲା। କେବଳ ଏହି ଘଟଣା ନୁହେଁ, ବହୁ ଚର୍ଚ୍ଚିତ ବିଜେଡି ନେତା ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡରେ ଅତ୍ୟାଧୁନିକ ପିସ୍ତଲ ବ୍ୟବହାର କରାଯାଇଥିଲା। କିଛି ଦିନ ତଳେ ଗଁଦିଆ ଥାନା ଅଞ୍ଚଳର ଗ୍ରାମ୍ୟ ଜଙ୍ଗଲ ରାସ୍ତା ଜବରଦଖଲକୁ କେନ୍ଦ୍ରକରି ସେଠାରେ କୁକୁଡ଼ା ଫାର୍ମ କରିଥିବା ଜଣେ ବ୍ୟବସାୟୀ ଏବଂ ତାଙ୍କ ସମର୍ଥକ ଗୋଷ୍ଠୀ ଗ୍ରାମବାସୀଙ୍କ ଉପରକୁ ବୋମାମାଡ଼ କରିଥିଲେ। ଗ୍ରାମବାସୀ କୌଶଳକ୍ରମେ ୩ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

ଗତ ୭ମାସ ଭିତରେ କେବଳ କପିଳାସ ଅଭୟାରଣ୍ୟରୁ ବନ ବିଭାଗ ୬୦ରୁ ଊର୍ଦ୍ଧ୍ୱ ଦେଶୀ ବନ୍ଧୁକ ଜବତ କରିଛି। ଏସବୁ ଘଟଣାରେ ଗିରଫ ହୋଇଥିବା ଶିକାରୀମାନେ ସ୍ଥାନୀୟ ଅଞ୍ଚଳର। ତେଣୁ କପିଳାସ ଅଭୟାରଣ୍ୟ ଅଞ୍ଚଳରେ ଏକ ଚୋରା ବନ୍ଧୁକ ର‍୍ୟାକେଟ କାମ କରୁଥିବା ଅନୁମାନ କରାଯାଉଛି। ଏଥିରେ ଝାଡ଼ଖଣ୍ଡ ଏବଂ ବିହାରର ପେସାଦାର ଅପରାଧୀଙ୍କ ଲିଙ୍କ୍ ଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ହେଲେ ପୋଲିସ ଚୋରା ବନ୍ଧୁକ କାରବାର ଉପରୁ ପରଦା ଉଠାଇବାରେ ବିଫଳ ହୋଇଛି।

ଏହାକୁ ବାଦ୍‌ଦେଲେ ଜିଲାର ଜାତୀୟ ରାଜପଥରେ ବନ୍ଧୁକଧାରୀ ସକ୍ରିୟ ହୋଇଉଠିଛନ୍ତି। ଚୋରି, ଡକାୟତି, ଲୁଟ୍ ଭଳି ଘଟଣାରେ ଏଭଳି ଅପରାଧୀ ଗୋଷ୍ଠୀର ସମ୍ପୃକ୍ତି ରହୁଛି। ସେହିପରି ଢେଙ୍କାନାଳ ପୌରାଞ୍ଚଳ, ଶ୍ୟାମାଚରଣପୁର, ବୋରାପଦା ଏବଂ ଭଗବାନପୁର ସମେତ ସହରତଳି ଅଞ୍ଚଳରେ ବ୍ରାଉନ ସୁଗାର କାରବାର ବଢ଼ିବାରେ ଲାଗିଛି। ଏଥିରେ ବିଧିବଦ୍ଧ ଭାବେ ଗ୍ୟାଙ୍ଗ୍ କାମ କରୁଛି। ସେମାନଙ୍କୁ ଧରିବାରେ ପୋଲିସ ଓ ଅବକାରୀ ବିଭାଗ ଫେଲ୍ ମାରିଛି। ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ବିଦେଶୀ ମଦ ଦୋକାନ ବନ୍ଦ ରହିଥିବା ବେଳେ ବିଭିନ୍ନ ଢାବାରେ ମାଦକ ଦ୍ରବ୍ୟର ଚୋରା କାରବାର ହେଉଛି। ପୋଲିସ ଗୋଇନ୍ଦା ବିଭାଗ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାବେଳେ ଜିଲା ପୋଲିସ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଏସ୍‌ପି କେ. ଶିବା ସୁବ୍ରମଣି କୁହନ୍ତି, ଚୋରା ବନ୍ଧୁକ ଏବଂ ବ୍ରାଉନ୍‌ସୁଗାର କାରବାର ରୋକିବା ଦିଗରେ ପୋଲିସ ପ୍ରଶାସନ ନଜର ରଖିଛି। ଆଗକୁ କେଉଁ ଭଳି ପଦକ୍ଷେପ ନିଆଯାଇପାରିବ ସେ ନେଇ ବିଚାର କରାଯାଉଛି।

### ପୋଲିସ ଦାୟିତ୍ୱ ଭୁଲିଯାଇଛି



"ଢେଙ୍କାନାଳ ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଶାନ୍ତିଭଙ୍ଗ ହେଉଛି। ପୋଲିସ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଭୁଲିଯାଇଛି। ଏସ୍‌ପି ମଧ ଏହାକୁ ରୋକିବା ଲାଗି ଯତ୍ନବାନ ହେଉନାହାନ୍ତି। ପୋଲିସ ବିଭାଗ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଏହାକୁ ରୋକିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ଜରୁରୀ।

-ନବକିଶୋର ଗୁରୁ, ଆଇନଜୀବୀ

### ଜଘନ୍ୟ ମାମଲା ବଢ଼ିବାରେ ଲାଗିଛି



"ଢେଙ୍କାନାଳ ଜିଲାରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଅପହରଣ, ଗୁଳିକାଣ୍ଡ, ବୋମାମାଡ଼, ହତ୍ୟାକାଣ୍ଡ ଭଳି ଜଘନ୍ୟ ମାମଲା ବଢ଼ିଚାଲିଛି। ପୋଲିସ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନାହିଁ। ଅପରାଧୀ ଏବଂ ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି।

-ପଙ୍କଜ ନାୟକ, ସାମାଜିକ କର୍ମୀ

### ଏସ୍‌ପି ତୀକ୍ଷ୍ଣ ଦୃଷ୍ଟି ଦେବା ଜରୁରୀ



"ଅପରାଧୀ ଏବଂ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ପୋଲିସ ପ୍ରଶାସନର। ହେଲେ ଏମିତି ଲାଗୁଛି ପୋଲିସ ନିଜ ଦାୟିତ୍ୱରୁ ମୁହଁ ଫେରାଇ ନେଇଛି। ଗୁଳିମାଡ଼, ବୋମାମାଡ଼, ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଥିପ୍ରତି ଏସ୍‌ପି ତୀକ୍ଷ୍ଣ ଦୃଷ୍ଟି ଦେବା ଜରୁରୀ।

-ମନୋରଞ୍ଜନ ପଟ୍ଟନାୟକ, ଆଇନଜୀବୀ

### ସପ୍ତାହରେ ୪ ହତ୍ୟାକାଣ୍ଡ

ଢେଙ୍କାନାଳ ଜିଲାରେ ସପ୍ତାହକ ଭିତରେ ୪ ହତ୍ୟାକାଣ୍ଡ ଘଟିଲାଣି। ଗତ ୧୬ ତାରିଖରେ କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଗୋଡିସାହି ଏବଂ କଲୋନୀସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ତୋଫାନ ପାତ୍ର (୨୭)ଙ୍କ ମୃତ୍ୟୁ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ଶନିବାର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ବଳଦିଆବନ୍ଧର ମିଥୁନ ଜେନା (୩୨)ଙ୍କୁ ହତ୍ୟା କରାଯାଇଥିଲା। ଗତ ରବିବାର ପତ୍ରଭାଗ ଗ୍ରାମରେ ସ୍ୱାଇଁ ଗିରୀଶ ଦେହୁରୀଙ୍କ ଟାଙ୍ଗିଆ ଚୋଟରେ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ସୋମବାର ରାସୋଳ ଥାନା ଦଣ୍ଡିରି ପଞ୍ଚାୟତ ତଳବାହିଙ୍ଗିଆ ସାହିରେ ନିଶାସକ୍ତ ବିରଞ୍ଚି ବେହେରାଙ୍କ ଟାଙ୍ଗିଆ ଚୋଟରେ ତାଙ୍କ ବନ୍ଧୁ କୁମ୍ଭ ବେହେରାଙ୍କ ମୃତ୍ୟୁ ଘଟିଥିଲା।

## ଝିଅଙ୍କ ଭଲମନ୍ଦ ବୁଝିଲା ପ୍ରଶାସନ

**ଅନୁଗୋଳ ଅଫିସ, ୨୨।୬**

**କରୋନା ନେଇଛି ମା' ବାପାଙ୍କ ଜୀବନ**

କରୋନା ଆଗେ ମାତୃହରା କଲା। ପଛେ ପଛେ ବାପାଙ୍କୁ ମଧ ଛଡ଼ାଇ ନେଲା। ଏବେ ୧୬ ବର୍ଷ ଝିଅଙ୍କୁ ସାହା ହୋଇଛନ୍ତି ବଡ଼ବାପା ଓ ଦାଦା। ଖବରପାଇ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ମାତୃପିତୃହରା ଝିଅଙ୍କୁ ଭେଟିବା ସହ ତାଙ୍କ ଭଲମନ୍ଦ ପଚାରି ବୁଝିଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସାପୋଇନାଳୀ ଗ୍ରାମର ଏହି ପରିବାର ବେଶ୍ ହସଖୁସିରେ ଚଳୁଥିଲେ। ଝିଅଙ୍କ ବାପା ବ୍ୟବସାୟ କରୁଥିବାବେଳେ ମା ଗୃହିଣୀ ଥିଲେ। ହେଲେ ଏପ୍ରିଲ ୨୪ ତାରିଖରେ ପ୍ରଥମେ ମା' କରୋନାରେ ଆକ୍ରାନ୍ତ ହୋଇ ଆଖିବୁଜିଥିଲେ। ଏହାପରେ ମେ ୧୫ରେ ବାପାଙ୍କ କୋଭିଡ୍‌ରେ ମୃତ୍ୟୁ ପୂରା ପରିବାରକୁ ଉଜାଡ଼ି ଦେଇଥିଲା। ଶେଷରେ ଏକା ହୋଇଯାଇଥିବା ଝିଅକୁ ବଡ଼ବାପା, ବଡ଼ ମା, ଦାଦା, ଖୁଡ଼ୀ ସାହାରା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବେହେରା କହିଛନ୍ତି, ମା ଓ ବାପାଙ୍କୁ ହରାଇଥିବା ଝିଅଙ୍କୁ ସରକାରୀ ସହାୟତାରେ ଅନ୍ତର୍ଭୁକ୍ତ କରାଯିବ। ଏହି ଗସ୍ତ ସମୟରେ ବିଡିଓ ସଞ୍ଜୟ ଆଚାର୍ଯ୍ୟ, ସିଡିପିଓ ସେବାସ୍ମିୟାନ କୁଜୁର, ଓଆରଡବ୍ଲ୍ୟୁ ସତ୍ୟାନନ୍ଦ ସାହୁ ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସରପଞ୍ଚ, ସିଡିପିଓ ଏବଂ ଆଇସିଡିଏସ୍ ସୁପରଭାଇଜରଙ୍କୁ ନେଇ ଏକ ବୈଠକ କରାଯିବ। କରୋନାରେ ମା' ବାପା କିମ୍ବା ସିଙ୍ଗିଲ ପ୍ୟାରେଣ୍ଟଙ୍କୁ ହରାଇଥିବା ପିଲାଙ୍କୁ ଚିହ୍ନଟ କରି ପ୍ରଶାସନକୁ ତାଲିକା ପ୍ରଦାନ କରାଯିବାକୁ କୁହାଯିବ।

